# NATIONAL NEWS BULLETIN (ODIA)
## 18th May - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଶୁଭେନ୍ଦୁ କୁମାର ପଣ୍ଡା**

## ମୁଖ୍ୟ ସମ୍ବାଦ

- ସରକାର ଗତ ୧୦ ବର୍ଷ ମଧ୍ୟରେ ଦେଶରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଛନ୍ତି; କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ଆଗାମୀ ବିହାର ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଭାରତ-ନେପାଳ ସୀମାନ୍ତ ଅଞ୍ଚଳର ସୁରକ୍ଷା ସ୍ଥିତି ସମୀକ୍ଷା କଲେ ନିର୍ବାଚନ କମିଶନର ।
- ହାଇଦ୍ରାବାଦ ଅଗ୍ନିକାଣ୍ଡ ଘଟଣାରେ ରାଷ୍ଟ୍ରପତିଙ୍କ ଶୋକପ୍ରକାଶ ।

— ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ର ଆଉ କିଛି ସମୟରେ ପରେ ଦିଲ୍ଲୀ କ୍ୟାପିଟାଲ୍‌ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ହେବ ମୁକାବିଲା ।

— ଗୁଜରାଟ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ।

## ଅମିତ୍ ଶାହା - ଅହମ୍ମଦାବାଦ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ନରେନ୍ଦ୍ର ମୋଦି ସରକାର ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଛନ୍ତି । ଗୁଜରାଟର ମେହସାଣା ଜିଲ୍ଲାର ଗୋଜାରିଆଠାରେକେ.କେ. ପଟେଲ୍ ଏବଂ ମଧୁବେନ୍ କେ. ପଟେଲ୍ ନର୍ସିଂ କଲେଜର ନବନିର୍ମିତ କୋଠାକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ଶାହା କହିଛନ୍ତି, ଏହି ନର୍ସିଂ କଲେଜରେ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ ଥିବାରୁ ନିକଟବର୍ତ୍ତୀ ଗ୍ରାମର ଗରିବ ରୋଗୀମାନେ ଉପକୃତ ହୋଇପାରିବେ । ସେ କହିଛନ୍ତି, ଦେଶର ୬୦ କୋଟି ନାଗରିକ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ୍ ହୋଇ ଲାଭାନ୍ୱିତ ହୋଇପାରୁଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ଏମ୍ସ୍ ସଂଖ୍ୟା ୭ରୁ ୨୩କୁ ବୃଦ୍ଧି ପାଇଛି ବୋଲି ଶ୍ରୀ ଶାହା କହିଛନ୍ତି । ଦୁଇଦିନିଆ ଗୁଜରାଟ ଗସ୍ତରେ ଥିବା ଶ୍ରୀ ଶାହା ଅହମ୍ମଦାବାଦ ଏବଂ ମେହଶାଣାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ପ୍ରାଥମିକ କୃଷି ଋଣ ସମବାୟ ସମିତିଗୁଡ଼ିକ ପାଇଁ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଏକ ନୂଆ ନୀତି ପ୍ରସ୍ତୁତି ନେଇ ଘୋଷଣା କରିଛନ୍ତି । ଅହମ୍ମଦାବାଦର ସାଇନ୍ସ ସିଟିଠାରେ ଗୁଜରାଟ ରାଜ୍ୟ ସମବାୟ ସଂଘ ଦ୍ୱାରା

ଆୟୋଜିତ ସମବାୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା ଏହା କହିଛନ୍ତି । ପ୍ୟାକ୍ସର ପୁନରୁଦ୍ଧାର ଦ୍ୱାରା ଦେଶର ସମବାୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ନେଇ ସରକାରଙ୍କ ପ୍ରତିବଦ୍ଧତା ଉପରେ ଶ୍ରୀ ଶାହା ଗୁରୁତ୍ୱାରୋପ କରିଛନ୍ତି । ଆସନ୍ତା ୨୦୨୯ ସୁଦ୍ଧା ଦେଶର ପ୍ରତ୍ୟେକ ପଞ୍ଚାୟତରେ ପ୍ୟାକ୍ସ ପ୍ରତିଷ୍ଠା କରିବା ନେଇ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା ଉପରେ ଶ୍ରୀ ଶାହା ଏହି ଅବସରରେ ଆଲୋକପାତ କରିଛନ୍ତି । ଏଭଳି ପଦକ୍ଷେପ ଦ୍ୱାରା ସମବାୟ ଜମାପୁଞ୍ଜିରେ ୧୧ ହଜାର କୋଟି ଟଙ୍କା ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟର ୮ଶହ ସମବାୟ ସମିତିର ପ୍ରତିନିଧିତ୍ୱ କରୁଥିବା ୪ ହଜାରରୁ ଅଧିକ ପ୍ରତିନିଧି ଅଂଶ ଗ୍ରହଣ କରିଛନ୍ତି ।

## ବିହାର - ଇ.ସି.

ବିହାର ଗସ୍ତରେ ଥିବା ନିର୍ବାଚନ କମିଶନର ଡକ୍ଟର ବିବେକ ଯୋଶୀ ବିହାରର ଭାରତ-ନେପାଳ ସୀମାନ୍ତ ଅଞ୍ଚଳରେ ଅନୁଷ୍ଠିତ ହେବାକୁ ଥିବା ବିଧାନସଭା ନିର୍ବାଚନ ମଣ୍ଡଳିଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଡକ୍ଟର ଯୋଶୀ ପଶ୍ଚିମ ଚମ୍ପାରନ୍ ଜିଲ୍ଲାର ବାଲ୍ମୀକି ନଗରଠାରେ ଏସ୍.ଏସ୍.ବି. କର୍ତ୍ତୃପକ୍ଷ ତଥା ପ୍ରଶାସନିକ ଅଧିକାରୀମାନଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ବୈଠକରେ ନିର୍ବାଚନ କମିଶନର୍

ଅଧିକାରୀମାନଙ୍କଠାରୁ ବିଭିନ୍ନ ପ୍ରସ୍ତାବ ବିଷୟରେ ଆଲୋଚନା କରିବା ସହ ସେମାନଙ୍କୁ ଏସଂକ୍ରାନ୍ତରେ ପରାମର୍ଶ ଦେଇଥିଲେ ।

ନେପାଳ-ଭାରତ ସୀମାନ୍ତର ବାଲ୍ମୀକି ନଗର ଅଞ୍ଚଳରେ ଥିବା ଜଙ୍ଗଲ ଏବଂ ନଦୀ ଉପତ୍ୟକାରେ ପ୍ରତିଷ୍ଠା କରାଯିବାକୁ ଥିବା ଭୋଟ୍‌ଗ୍ରହଣ କେନ୍ଦ୍ରଗୁଡ଼ିକୁ ଅନୁଧ୍ୟାନ କରି ବିବରଣୀ ସଂଗ୍ରହଣ କରିଥିଲେ । ଏହି ଉଚ୍ଚସ୍ତରୀୟ ବୈଠକରେ ଡକ୍ଟର ଯୋଶୀଙ୍କ ସହ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିରେ ଇଲେକ୍ଟୋରାଲ ରୋଲ୍‌ଗୁଡ଼ିକୁ ନିରୀକ୍ଷଣ କରି ଯୁବ ଭୋଟର୍‌ମାନଙ୍କୁ ନିର୍ବାଚନରେ ଅଂଶଗ୍ରହଣ କରିବାପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ । ଆସନ୍ତାକାଲି ତାଙ୍କର ଚତୁର୍ଥ ତଥା ଚୂଡ଼ାନ୍ତ ଗସ୍ତ ସମୟରେ ଡକ୍ଟର ଯୋଶୀ ବୈଶାଳୀ ଜିଲ୍ଲା ଗସ୍ତକରି ବିଧାନସଭା ନିର୍ବାଚନ ବ୍ୟବସ୍ଥା ଏବଂ ନିରାପତ୍ତା ସମ୍ପର୍କରେ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି ।

## ପ୍ରେଜ - ହାଇଦ୍ରାବଦ ଫାୟାର୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହାଇଦ୍ରାବାଦ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ଅନେକ ଲୋକଙ୍କ ସମେତ ମହିଳା ଏବଂ ଶିଶୁମାନଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କ ବାର୍ତ୍ତାରେ ରାଷ୍ଟ୍ରପତି ପ୍ରାଣ ହରାଇଥିବା ଲୋକଙ୍କ

ଆତ୍ମୀୟସ୍ୱଜନଙ୍କ ପ୍ରତି ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି ।

## ହାଇଦ୍ରାବାଦ ଫାୟାର୍

ତେଲଙ୍ଗାନାର ହାଇଦ୍ରାବାଦସ୍ଥିତ ଗୁଲ୍‌ଜାର ହାଉସ୍‌ରେ ଆଜି ସକାଳେ ଘଟିଥିବା ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ଲୋକଙ୍କପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ପ୍ରାଣ ହରାଇଥିବା ୧୭ ଜଣ ବ୍ୟକ୍ତିଙ୍କ ନିକଟତମ ଆତ୍ମୀୟସ୍ୱଜନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିବାପାଇଁ ଘୋଷଣା କରିବା ସହ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେଲଙ୍ଗାନା ରାଜ୍ୟ ସରକାର ମଧ୍ୟ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଭଟ୍ଟି ବିକ୍ରମାର୍କା ଓସ୍‌ମାନିଆ ଜେନେରାଲ୍ ହସ୍ପିଟାଲ୍ ଯାଇ ମୃତକମାନଙ୍କୁ ଶେଷଦର୍ଶନ କରିଛନ୍ତି । ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଆହତ ତଥା ଅଗ୍ନିକାଣ୍ଡରେ ପ୍ରଭାବିତ ଲୋକମାନଙ୍କପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

ହାଇଦ୍ରାବାଦର ଚାର୍‌ମିନାର ନିକଟବର୍ତ୍ତୀ ଗୁଲଜାର ହାଉସ୍ ଅଟ୍ଟାଳିକାର ପ୍ରଥମ ଓ ଦ୍ୱିତୀୟ ମହଲାରେ ଘଟିଥିବା ଅଗ୍ନିକାଣ୍ଡରେ ୮ ଜଣ ଶିଶୁ ଏବଂ ୬ ଜଣ ମହିଳାଙ୍କ ସମେତ ୧୭ ଜଣଙ୍କ ପ୍ରାଣହାନି ଘଟିଛି । ପୁଲିସ୍ ମହାନିର୍ଦ୍ଦେଶକ ଡକ୍ଟର ଜିତେନ୍ଦର କହିଛନ୍ତି, ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ସର୍ଟସର୍କିଟ୍ ଯୋଗୁଁ ଏଲହି ଅଗ୍ନିକାଣ୍ଡ ଘଟିଥିଲା ଏବଂ ଘର ଭିତରେ ଅତ୍ୟଧିକ ଧୂଆଁ ଭର୍ତ୍ତି ହୋଇଯିବା ଯୋଗୁଁ ୮ ଜଣ ଲୋକ ଶ୍ୱସରୁଦ୍ଧ ହୋଇ ପ୍ରାଣ ହରାଇଛନ୍ତି । ଅନ୍ୟ ୧୧ ଜଣ ଗୁରୁତର ଆହତମାନେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ନେଇ ପୁଲିସ୍ ମହାନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିଷନ ରେଡ୍ଡୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଆହତଙ୍କୁ ସମସ୍ତ ଚିକିତ୍ସା ସେବା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ଜେ.ପି. ନଡ୍ଡା – ପିଥୋରଗଡ଼ ଭିଜିଟ୍

ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, ସାରା ଦେଶ ସାହସୀ ସୈନିକଙ୍କ ତ୍ୟାଗ ଏବଂ ସମର୍ପଣପାଇଁ ଗର୍ବିତ । ଉତ୍ତରାଖଣ୍ଡର ସୀମାନ୍ତ ଜିଲ୍ଲା ପିଥୋରାଗଡ଼ରେ ଆଜି ଶ୍ରୀ ନଡ୍ଡା ଟେସନା, ଆଇ.ଟି.ବି.ପି., ଏସ୍.ଏସ୍.ବି.ର ସୈନିକମାନଙ୍କୁ ଭେଟି ଅପରେସନ୍ ସିନ୍ଦୂରର ସଫଳତାପାଇଁ ଧନବାଦ

ଜଣାଇଥିଲେ । ଏହି ସମୟରେ ସୀମାର ପ୍ରତିରକ୍ଷାରେ ନିୟୋଜିତ ଅସ୍ତ୍ରଶସ୍ତ୍ର, ଉପକରଣ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ସମ୍ବଳ ବିଷୟରେ ମଧ୍ୟ ସୂଚନା ଦେଇଥିଲେ । ଦୁଇଦିନିଆ ପିଥୋରାଗଡ଼ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡାଙ୍କୁ ଜିଲ୍ଲାପାଳ ଭାଇବ୍ରାଣ୍ଟ ଗ୍ରାମ ଅଧୀନରେ ଚାଲିଥିବା ବିଭିନ୍ନ ଯୋଜନା ଏବଂହ ପ୍ରସ୍ତାବିତ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ । ଏହାସହ ପର୍ଯ୍ୟଟନ ଯୋଜନା, ଆଦିକୈଳାସ ଏବଂ ଓମ୍ ପର୍ବତ ଯାତ୍ରା ବ୍ୟବସ୍ଥା ବିଷୟରେ ଶ୍ରୀ ନଡ୍ଡାଙ୍କୁ ସୂଚନା ପ୍ରଦାନ କରାଯିବା ସହ ସ୍ୱଦେଶ ଦର୍ଶନ ଦ୍ୱିତୀୟ ପର୍ଯ୍ୟାୟ ଯୋଜନା ଅଧୀନରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଯାଇଥିଲା ।

## ନାଗପୁର - ଶିବରାଜ ସିଂ ଚୌହାନ

ମହାରାଷ୍ଟ୍ରରେ କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ 'ଏକ ରାଷ୍ଟ୍ର ଏକ କୃଷି ଏବଂ ଏକ ଦଳ' ଲକ୍ଷ୍ୟ ହାସଲ ପାଇଁ ଆଇ.ସି.ଏ.ଆର୍. ଏବଂ କୃଷିକ୍ଷେତ୍ରରେ ଥିବା ଅନ୍ୟାନ୍ୟ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟ ରଖିବାକୁ ଆହ୍ୱାନ କରିଛନ୍ତି । ନାଗପୁରର ସୁରେଶ ଭଟ୍ଟ ଅଡିଟୋରିୟମ୍‌ରେ ଅନୁଷ୍ଠିତ ବିକଶିତ କୃଷି ସଙ୍କଳ୍ପ ଅଭିଯାନରେ ଯୋଗଦେଇ ଶ୍ରୀ ଚୌହାନ ସେହି ଅଞ୍ଚଳର ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ, ରାଜ୍ୟ କୃଷିମନ୍ତ୍ରୀ ମାଣିକ କୋକାଟେ ଯୋଗ ଦେଇଥିଲେ ।

ସରକାର ପ୍ରୟୋଗଶାଳା ଏବଂ ଚାଷଜମି ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବାପାଇଁ ପ୍ରତିବଦ୍ଧ ବୋଲି ଶ୍ରୀ ଚୌହାନ କହିଛନ୍ତି । ଆଇ.ସି.ଏ.ଆର୍.ର ବୈଜ୍ଞାନିକମାନେ କୃଷି ସମ୍ପ୍ରସାରଣ ଅଧିକାରୀମାନଙ୍କ ସହ ଗ୍ରାମାଞ୍ଚଳକୁ ଗସ୍ତକରି ଚାଷୀମାନଙ୍କୁ ଉତ୍ତମମାନର ବିହନ ଏବଂ କୃଷି ଉଦ୍ଭାବନ ବିଷୟରେ ସଚେତନ କରିବାକୁ ସେ ପରାମର୍ଶ ଦେଇଛନ୍ତି । କୃଷି ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରି କେନ୍ଦ୍ରମନ୍ତ୍ରୀ ଶୁଦ୍ଧ ଏବଂ ରୋଗମୁକ୍ତ ଚାରାରୋପଣ ଉପରେ ପରାମର୍ଶ ଦେଇଥିଲେ । ଉତ୍ତମ ଗୁଣବତ୍ତା ବିହନ, ସଠିକ ମୃତ୍ତିକା ପରୀକ୍ଷା ଏବଂ କମ୍ ଖର୍ଚ୍ଚରେ ଚାଷ କରିବାର ଉପାୟମାନ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇବାପାଇଁ ଶ୍ରୀ ଚୌହାନ ବୈଜ୍ଞାନିକମାନଙ୍କୁ କହିଥିଲେ ।

## ପାକ୍ - ଆଇ.ଏମ୍.ଏଫ୍.

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି - ଆଇ.ଏମ୍.ଏଫ୍. ପାକିସ୍ତାନ ଉପରେ ୧୧ଟି ନୂତନ ସର୍ତ୍ତ ଲାଗୁ କରିଛି । ଭାରତ ଓ ପାକିସ୍ତାନ ମଧ୍ୟରେ ସାମ୍ପ୍ରତିକ ଉତ୍ତେଜନା ପରିସ୍ଥିତିରେ ଅଧିକ ପାଣ୍ଠି ପ୍ରଦାନ କରିବା ଉପରେ ବିପଦ ଥିବା ନେଇ ଆଇ.ଏମ୍.ଏଫ୍. ଏହି ପଦକ୍ଷେପ ନେଇଛି । ଏହି ୧୧ଟି ନୂତନ ସର୍ତ୍ତ ସହ ପାକିସ୍ତାନ ଉପରେ ଲାଗିଥିବା ସର୍ତ୍ତ ସଂଖ୍ୟା ୫୦କୁ ବୃଦ୍ଧି ପାଇଛି । ୧୭ ଲକ୍ଷ ୬୦ ହଜାର କୋଟି ଟଙ୍କା ବଜେଟ୍‌ର ସଂସଦୀୟ ଅନୁମୋଦନ ବିଦ୍ୟୁତ୍ ବିଲ୍ ଉପରେ ଋଣସେବା ସରଚାର୍ଜ ବୃଦ୍ଧି ଏବଂ ୩ ବର୍ଷରୁ ଅଧିକ ପୁରୁଣା

ବ୍ୟବହୃତ କାର୍ ଆମଦାନୀ ଉପରେ କଟକଣା ଉଠାଇବା ଆଦି ନୂତନ ସର୍ତ୍ତ ଏଥିରେ ଅନ୍ତର୍ଭୁକ୍ତ ରହିଥିବା ଜଣାପଡ଼ିଛି । ଉଭୟ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ଜାରି ରହିଲେ ପାକିସ୍ତାନର ଆର୍ଥିକ ପରିସ୍ଥିତି ଅଧିକ ଖରାପ ଆଡ଼କୁ ଗତିକରିବ ବୋଲି ଆଇ.ଏମ୍.ଏଫ୍. ପକ୍ଷରୁ ଆଶଙ୍କା କରାଯାଇଛି ।

## ଆଇ.ଏମ୍.ଡି. - ଆଲର୍ଟ

ଭାରତୀୟ ପାଣିପାଗ ବିଭାଗ ମଧ୍ୟ-ମହାରାଷ୍ଟ୍ରର କୋଙ୍କଣ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆସନ୍ତାକାଲିଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରିଛି । ପାଣିପାଗ ବିଭାଗ କହିଛି, ଆସନ୍ତା ୨୨ ତାରିଖ ଦିନ କର୍ଣ୍ଣାଟକ ତଟବର୍ତ୍ତୀ ଅଞ୍ଚଳରୁ ପୂର୍ବ-କେନ୍ଦ୍ରୀୟ ଆରବ ସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭବନା ରହିଛି । ଏହା ଅଧିକ ଘନୀଭୂତ ହୋଇ ଉତ୍ତର ଦିଗ ଆଡ଼କୁ ଅଗ୍ରସର ହେବାନେଇ ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତର କୋଙ୍କଣ ଓ ଗୋଆ ସମୁଦ୍ର ଅଶାନ୍ତ ରହିବା ନେଇ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବା ନେଇ ବାରଣ କରାଯାଇଛି । ଏହିସମୟ ମଧ୍ୟରେ ପବନ ଘଣ୍ଟାପ୍ରତି ୩୫ରୁ ୫୫ କିଲୋମିଟର ବହିବାର ସମ୍ଭାବନା ରହିଛି ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ  ଜୟପୁର ସଓ୍ୱାଇ ମାନସିଂ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ୍ ରାଜସ୍ଥାନ ରୟାଲ୍‌ସକୁ ୧୦ ରନ୍‌ରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗ୍‌ସ’ ରାଜସ୍ତାନ ରୟାଲ୍‌ସ ସମ୍ମୁଖରେ ୨୨୦ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ୱିକେଟ୍ ହରାଇ ନେହାଲ୍ ୱାଧେରାଙ୍କ ୭୦ ରନ୍ ଏବଂ ଶଶାଙ୍କ ସିଂହଙ୍କ ଅପରାଜିତ ଅଣଷଠି ରନ୍ ବଳରେ ୨୧୯ ସଂଗ୍ରହ କରିଥିଲା । ୨୨୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ରାଜସ୍ଥାନ ରୟାଲ୍‌ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୨୦୯ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡ଼ିୟମ୍‌ଠାରେ ଆଉ କିଛି ସମୟ ପରେ ଗୁଜରାଟ ଟାଇଟନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ଆଜିର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ଗୁଜରାଟ ଟାଇଟନ୍‌ସ୍ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

*****